# କଟକ ସିଟି



**ସିଏମ୍‌ସିର ୩୯ତମ କାଉନ୍‌ସିଲ ବୈଠକ**

# ଦୁର୍ନୀତିକୁ ନେଇ ତାତିଲେ କର୍ପୋରେଟର; ହୋହଲ୍ଲାରେ କମ୍ପିଲା ସଭାଗୃହ










**କଟକ, ୭ ।୩(ସମିସ)**

ସିଏମସିର ୩୯ ତମ କାଉନସିଲ୍ ବୈଠକ ହୋହଲ୍ଲା ମଧ୍ୟରେ ଶେଷ ହୋଇଛି। ବାଲିଯାତ୍ରା ସଫେଇ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିଲା। ଏଥିଲାଗି ୩୭ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା। ଏଥିରେ ନିଗମର କୌଣସି ଗାଡି କିମ୍ବା ତେଲ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଘରୋଇ ସଂସ୍ଥା ସଫେଇ ଦାୟିତ୍ୱ ନେଇଥିଲେ ମଧ୍ୟ ସିଏମ୍‌ସିର ବିପୁଳ ପରିମାଣର ତେଲ ଓ ଗାଡି ବ୍ୟବହାର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ଟେଣ୍ଡରଠାରୁ ଅଧିକ ୧୦ ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରାଯାଇଥିବା ଖବର ମିଳିଛି। ଫଳରେ ବାଲିଯାତ୍ରା ସମୟରେ ସଫେଇରେ ସିଏମ୍‌ସିର ଘରୋଇ ସଂସ୍ଥା ପ୍ରତି ଦରଦ ପଦାରେ ପଡ଼ିଥିଲା। କେଉଁ ଆଧାରରେ ଉକ୍ତ ସଂସ୍ଥାକୁ ଚୁକ୍ତିଠାରୁ ଅଧିକ ଅର୍ଥ ପ୍ରଦାନ କରାଗଲା ଏହାକୁ ନେଇ ସିଏମ୍‌ସିର କାଉନ୍‌ସିଲ ବୈଠକରେ ହୋହଲ୍ଲା ହୋଇଥିଲା।

ବହୁ କର୍ପୋରେଟର ଏହାକୁ ବିରୋଧ କରିଥିଲେ। ସେହିପରି ହୋର୍ଡିଂ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିଥିଲା। ଅନ୍ୟପଟେ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ୱାର୍ଡର ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ମେୟରଙ୍କ ଅନୁମୋଦନ କ୍ରମେ ବିତ୍ତ ଅଧିକାରୀ ଚଳିତବର୍ଷର ବଜେଟ୍ ଉପସ୍ଥାପନ କରିଥିଲେ। କାଉନ୍‌ସିଲରେ ଏହା ପାରିତ ହେବା ପରେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି। ସେହିପରି ନିଗମ ଅଞ୍ଚଳରେ ଟେରାକ୍ସ ମେସିନ୍ ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା। ଚକ୍ରଧରପୁରରେ ଟେରାକ୍ସ ମେସିନ୍ ନାଁରେ ୯ କୋଟିରୁ ଅଧିକ ଟଙ୍କା ଦୁର୍ନିତି ହୋଇଥିବା ଅଭିଯୋଗ ହୋଇଛି। ଚକ୍ରଧରପୁରରେ ବାୟୋ ମାଇନିଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବଳମ୍ବ ହେବାରୁ ଟେରାକ୍ସ ମେସିନ୍ ଦ୍ୱାରା ଅବର୍ଜନା ନଷ୍ଟ କରିବା ଲାଗି ନିଷ୍ପତି ନିଆଯାଇଥିଲା। ଏଥିଲାଗି ଟେଣ୍ଡରରେ ପାଇଥିବା ସଂସ୍ଥା ସହ ମାସିକ ୪୮ ଲକ୍ଷ ଟଙ୍କାରେ ଚୁକ୍ତି କରାଯାଇଥିଲା। ୩ମାସରେ ପ୍ରାୟ ୧.୫ କୋଟି ଟଙ୍କା ଖର୍ଚ୍ଚ କରାଯିବାର ଯୋଜନା ହୋଇଥିଲା। ମାତ୍ର ୩ଟି ସଂସ୍ଥାକୁ ୩ଟି ମେସିନ୍ ବ୍ୟବହାର ଲାଗି ଅନୁମତି ମଳିଥିଲା। ଫଳରେ ୩ମାସରେ ୪.୫ କୋଟି ଟଙ୍କା ବିଲ୍ ହୋଇଥିଲା। ବର୍ଷାଦିନେ ଟେରାକ୍ସ ମେସିନ୍ ଚାଲିବାର ନିୟମ ନଥିଲେ ମଧ୍ୟ ଚୁକ୍ତି ଅବଧିକୁ ଆଉ ୩ମାସ ବୃଦ୍ଧି କରାଯାଇଥିଲା। ଫଳରେ ନିଗମକୁ ୯କୋଟି ଟଙ୍କା ଦେବାକୁ ପଡ଼ିଥାନ୍ତା। ଠିକାସଂସ୍ଥାକୁ ୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଟେରାକ୍ସ ମେସିନ୍ ପରିଚାଳନାରେ ବ୍ୟାପକ ଦୁର୍ନୀତି ହୋଇଥିବ୍ କାଉନସିଲ୍‌ରେ ଅଭିଯୋଗ ଉଠିଥିଲା।

## ସରକାରଙ୍କ ଅନୁମୋଦନ ଅପେକ୍ଷାରେ ନୂଆ ବଜେଟ୍

ସହରର ବିକାଶ ପାଇଁ ପାରିତ ହୋଇଥିବା ବଜେଟ୍‌ରେ ଅନେକ ଯୋଜନା କରାଯାଇଛି। ଏହା ଏକ ଦୂରଦର୍ଶୀ ବଜେଟ୍। ବର୍ଜ୍ୟ ପରିଚାଳନା ସୁଧାର ଆଣିବା, ମୌଳକ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ପ୍ରକଳ୍ପ ଶେଷ କରିବା ଏବଂ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାକୁ ଠିକ୍ ସମୟରେ ସାରିବା ପରେ ଗୁରୁତ୍ୱ ଦିଆଯାଇଛି। ବଜେଟ୍ ବାଦ୍ ଆଉ ୧୦୦ କୋଟି ଟଙ୍କା ଟିକସ ବଢ଼ାଇବା ଲଗି ଲକ୍ଷ୍ୟ ରଖାଯାଇଛି ମେୟର ସୁବାସ ସିଂହ କହିଥିଲେ। ପୂର୍ବ ବର୍ଷ ମଧ ୧୨୦୦ କୋଟି ବଜେଟ୍ ହୋଇଥିଲା। ନିଗମରୁ ବିଭିନ୍ନ ଉପାୟରେ ଅର୍ଥ ଆସିପାରିବ। ମାତ୍ର ନିଗମ ସରକାରଙ୍କ ଉପରେ ନିର୍ଭରଶୀଳ ରହୁଛନ୍ତି। ନିଗମ ତାର ଆୟ ବଢ଼ାଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। କଟକ ସହରରେ ଅନେକ ଅନେକ ପ୍ରକଳ୍ପ ଅଧାରେ ଅଟକିଛି। ଏହାର ଅର୍ଥ କୁଆଡେ ଗଲା ଏହାକୁ ନେଇ କାଉନସିଲ୍ ବୈଠକରେ ପ୍ରଶ୍ନ ଉଠିଥିଲା। ଜନସାଧାରଣଙ୍କ ଅର୍ଥ ଏହାକୁ ଠିକ୍ ଭାବେ ବିନିଯୋଗ କରିବା ଆବଶ୍ୟକ। ଏଠାରେ ମନଇଚ୍ଛା ସବୁ କାର୍ଯ୍ୟ ହେଉଛି। ଚଳିତବର୍ଷର ବଜେଟ୍ ମଧ ଗ୍ରହଣୀୟ ନୁହେଁ ବୋଲି କିଛି କର୍ପୋରେଟର ଅଭିଯୋଗ ଉଠାଇଥିଲେ।

## ଏଥର ୧୨୬୭ କୋଟିର ବଜେଟ୍

କଟକ, ୭ ।୩(ସମିସ): ସିଏମସିର ୨୦୨୬- ୨୦୨୭ ବର୍ଷର ଚିଠା ବଜେଟ ଆଜି ଉପସ୍ଥାପିତ କରାଯାଇଛି। ବିଜୁଭବନରେ ୩୯ତମ ସାଧାରଣ ପରିଷଦ ଅଧିବେଶନରେ ମେୟରଙ୍କ ଅନୁମୋଦନକ୍ରମେ ଟ୍ୟାକ୍ସେସନ୍ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଦ୍ୱାରା ୧୨୬୭ କୋଟି ୮୮ ଲକ୍ଷ ୫୨ ହଜାର ଟଙ୍କାର ଚିଠା ବଜେଟ୍ ପ୍ରସ୍ତାବ ଆଗତ କରାଯାଇଥିଲା। କାଉନ୍‌ସିଲରେ ଉକ୍ତ ବଜେଟ୍ ସର୍ବସମ୍ମତିକ୍ରମେ ପାରିତ କରାଯାଇଛି। ଏହାକୁ ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରେରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ୧୨୫୦ କୋଟି ୯୯ ଲକ୍ଷ ୯୬ ହଜାର ଟଙ୍କା ଆୟ ପାଇଁ ସିଏମସି ଲକ୍ଷ୍ୟ ରଖିଛି। ସିଏମସି ନିକଟରେ ୧୭ କୋଟି ୨୦ ଲକ୍ଷ ଟଙ୍କା ବଳକା ବଜେଟ ରହିଛି। ଯାହାଦ୍ୱାରା ଆୟ ଏବଂ ବ୍ୟୟ ଦୃଷ୍ଟି ଦେଲେ ବର୍ଷ ଶେଷକୁ ସିଏମସି ନିକଟରେ ମାତ୍ର ୩୧.୫୧ ଲକ୍ଷ ଟଙ୍କା ବଳକା ରହିବ। ତେବେ ଏହି ବଜେଟରେ ସହରର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଆଦି ବ୍ୟବସ୍ଥାରେ ଅଧିକ ବ୍ୟୟବରାଦ ହୋଇଛି। ରାସ୍ତାଘାଟ ମରାମତି ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ଅଟକଳ ରଖାଯାଇଛି; କିନ୍ତୁ ଏହାକୁ ନେଇ କଂଗ୍ରେସ ଏବଂ ବିଜେପି କର୍ପୋରେଟରଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।









## ମାର୍ଚ୍ଚ ୧୩ରୁ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ




**କଟକ, ୭ ।୩(ସମିସ):** କଳା ବିକାଶ କେନ୍ଦ୍ର ୭୫ ବର୍ଷଧରି ତାହାର ଜୟଯାତ୍ରା ଅବ୍ୟାହତ ରଖିଛି। ଏହି ଚଳିତ ବର୍ଷ ୪ର୍ଥ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ-୨୦୨୬ ଆୟୋଜନ କରାଯାଉଛି। ଏହି ମସୋତ୍ସବ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ମାର୍ଚ୍ଚ ୧୩ରୁ ୧୫ତାରିଖ ତିନି ଦିନ ଧରି ମହୋତ୍ସବ ଆୟୋଜିତ ହେବ। ଏଥିରେ ରାଜ୍ୟ ବାହାରୁ ଓ ସମଗ୍ର ଦେଶରୁ ୧୫ ଜଣ ଜାତୀୟ ତଥା ଅନ୍ତର୍ଜାତୀୟ କଳାକାର ଶିଳ୍ପୀ ଯୋଗ ଦେଉଛନ୍ତି। ସେମାନେ ତାଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରି ଏହି ଉତ୍ସବରେ ଦର୍ଶକମାନଙ୍କୁ ବିଭୋର କରିବ। ସେମାନଙ୍କର ଆଗମନ ବାସ୍ତବିକ୍ ଭାବେ କଟକ ଓ ଓଡ଼ିଶା ଗୌରବ ବହନ କରେ। ଏହି ଉତ୍ସବ ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ ଉଦଘାଟିତ ହୋଇ ୧୫ ତାରିଖରେ ଉଦଯାପିତ ହେବ। ଏଥିରେ ଦେଶର ବହୁ ପ୍ରତିଷ୍ଠିତ କଳାକାରମାନଙ୍କ ସହିତ ଓଡ଼ିଶାର ମଧ୍ୟ ଖ୍ୟାତିସମ୍ପନ୍ନ କଳାକାରମାନେ ଯୋଗଦେବେ। ଏହି ଉତ୍ସବ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ପରାମର୍ଶ ଓ ଦିଗ୍‌ଦର୍ଶନରେ ଆୟୋଜିତ ହେଉଛି। ଏହି ସ୍ଥବରେ ପଦ୍ମଶ୍ରୀ ତରୁଣ ଭଟ୍ଟାଚାର୍ଯ୍ୟ, ପଦ୍ମଶ୍ରୀ ନଳିନୀ-କମଳିନୀ ପ୍ରଭୃତି ବିଶିଷ୍ଟ କଳାକାରମାନେ ଯୋଗ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ କଟକବାସୀ ସହଯୋଗ କରିବା ସହିତ

### ତିନି ଦିନ ଧରି ଆୟୋଜିତ ହେବ

ଏହି ୩ ଦିନ ବ୍ୟାପୀ ଉତ୍ସବକୁ ସଫଳ କରିବା ପାଇଁ କଳା ବିକାଶ କେନ୍ଦ୍ର ତରଫରୁ ନିବେଦନ କରାଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ସଭାପତି ଡ଼.ବିଜୟାନନ୍ଦ ସିଂହ, ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ଦାଶ, ଗୌର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଏ. ମହେଶ୍ୱର ରାଓ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ।

## ୱାକର୍ସ କ୍ଲବ୍-କଟକର ବାର୍ଷିକ ଉତ୍ସବ



**କଟକ, ୭ ।୩(ସମିସ):** ୱାକର୍ସ କ୍ଲବ, କଟକର ୨୫ତମ ବାର୍ଷିକ ଉତ୍ସବ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବି ତଥା ହାଇକୋର୍ଟ ବାର ଆସୋସିଏସନର ସଭାପତି ମନୋଜ କୁମାର ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୱାକର୍ସ କ୍ଲବ ଜନ ସମାଜକୁ ସୁସ୍ଥ ଓ ନିରୋଗ ରଖିବାର ଯେଉଁ ଅଭିଯାନ ଆରମ୍ଭ କରିଛି ତାର ମହତ୍ତ୍ୱ ସମ୍ବନ୍ଧରେ ସେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ୱାକର୍ସ ଇଣ୍ଟରନେସନାଲ ଡିଷ୍ଟ୍ରିକ୍ଟ ୧୦୪ର ଗଭର୍ଣ୍ଣର୍ ୱାକର ରାଜ କିଶୋର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୱାକର୍ସ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରି କ୍ଲବକୁ କିପରି ଆହୁରି ସୁଦୃଢ କରାଯିବ ସେଥିପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏସିବି ମେଡିକାଲ କଲେଜର ପ୍ରଫେସର୍ ଡାକ୍ତର ଜୟନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଧାରଣ ଜୀବନରେ ଚାଲିବାର ଉପାଦେୟତା ଓ ସୁସ୍ଥ ଜୀବନଯାପନ ଉପରେ ଗୁରୁତ୍ୱ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଦୈନିକ ଖବରକାଗଜ ପ୍ରଗତିବାଦୀର ମୁଖ୍ୟକାର୍ଯ୍ୟନିର୍ବାହକ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିର ସମୟରେ ପ୍ରାତଃଭ୍ରମଣ ଓ ଯୋଗ ପ୍ରାଣାୟାମ କୁ ଆପଣାଇ କିପରି ଶରୀରକୁ ସୁସ୍ଥ ଓ ନିରୋଗ ରଖିହେବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ୱାକର୍ସ କ୍ଲବ, କଟକର ସମ୍ପାଦକ ୱାକର ପ୍ରିୟ ରଞ୍ଜନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୱାକର୍ସ କ୍ଲବ, କଟକର ୨୫ତମ ବାର୍ଷିକ ପତ୍ରିକା ପ୍ରଭାତ ପଥିକ ଉପସ୍ଥିତ ଅତିଥିବୃନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।ୱାକର୍ସ କ୍ଲବ, କଟକ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ କ୍ଲବର ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ସାହୁ ଓ ଡକ୍ଟର ସତ୍ୟ ରାୟ ଙ୍କୁ ଉତ୍କଳମଣି ଗୋପବନ୍ଧୁ ଦାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୱାକର୍ ଡ଼କ୍ଟର ସରୋଜ କୁମାର ସ୍ୱାଇଁ ଅତିଥି ପରିଚୟ ଓ ଡ଼କ୍ଟର ବିଲକେଶ ପରବିନ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାକର୍ସ କ୍ଲବ, କଟକ ର ସମସ୍ତ ସଦସ୍ୟ ଓ କଟକ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଡକ୍ଟର ଓଁକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ଅନ୍ତର୍ଜାତୀୟ ମହିଳା ଦିବସ**

# 'ରେଜ୍' ଫାଉଣ୍ଡେସନ୍ ପକ୍ଷରୁ ୯ ପ୍ରତିଭାବାନ ମହିଳାଙ୍କୁ 'ସ୍ୱୟଂସିଦ୍ଧା ସମ୍ମାନ'-୨୦୨୬ ପ୍ରଦାନ



















# ପ୍ରାଚୀନ ଗିରିଧାରୀ ମଠରୁ ମୂଲ୍ୟବାନ ଗଛକଟା



କିଶନନଗର, ୭ ।୩ (ସମିସ): କଟକ ସଦର ଅନ୍ତର୍ଗତ ତଥା କିଶନନଗର ତହସିଲ ଯଶପଡା ପଞ୍ଚାୟତର ଓଡ଼ପଡ଼ା ମୌଜାସ୍ଥିତ ବହୁ ପୁରାତନ ମାଲିକା ବର୍ଣ୍ଣିତ ଗିରିକ୍ରୋଟ (ଗିରିଧାରୀ ମଠ) ପରିସରରୁ ଲକ୍ଷାଧିକ ଟଙ୍କାର ୮ଟି ଶାଗୁଆନ ଗଛ ବେଆଇନ ଭାବେ କଟାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ କରାଯାଇଥିବା ବେଳେ ଏନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ ଗିରିଧାରୀ ମଠ କମିଟିର ବିନା ପରାମର୍ଶରେ ଓ ଅଗୋଚରରେ ସ୍ଥାନ ନିରୂପଣ ନକରି କେତେକ ବ୍ୟକ୍ତି ମଠ ପରିସରରେ ପାର୍କ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ବିଟ୍ ହାଉସ ନିକଟରେ ଥିବା ମୂଲ୍ୟବାନ ଶାଗୁଆନ ଗଛଗୁଡ଼ିକୁ ବେଆଇନ ଭାବେ କାଟି ଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗର ଅନୁମତି ନିଆ ନଯାଇ ମୂଲ୍ୟବାନ ଶାଗୁଆନ୍ ଗଛଗୁଡିକ କାହା ସ୍ୱାର୍ଥରେ କଟାଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନାଞ୍ଚଳ ରକ୍ଷଣାବେକ୍ଷଣ ପାଇଁ ଏଠାରେ ଜଣେ ବନ କର୍ମଚାରୀ ନିଯୁକ୍ତ ହୋଇଥିବା ବେଳେ ବିଭିନ୍ନ ବେଆଇନ କାର୍ଯ୍ୟକୁ କିଭଳି ପ୍ରୋତ୍ସାହନ ଦିଆଯାଉଛି ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବଢ଼ିଚାଲିଛି ଚୋରି; ପୁଲିସକୁ ଚାଲେଞ୍ଜ

କିଶନନଗର, ୭ ।୩(ସମିସ): କିଶନନଗର ଥାନାଞ୍ଚଳରେ କିଛି ଦିନ ହେଲା ଚୋରି ଡକାୟତି କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଥିବାରୁ ଜନସାଧାରଣ ସୁରକ୍ଷିତ ମଣୁନାହାନ୍ତି। ଏହା ଚୋରଙ୍କ ପୁଲିସକୁ ଖୋଲା ଚାଲେଞ୍ଜ ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଯେ କିଛି ଦିନ ପୂର୍ବରୁ ପ୍ରହରାଜପୁର ନାରଦାରୁ ଜଣଙ୍କ ଘରେ ଚୋର ଦଳ କଳାକନା ବୁଲାଇଥିଲେ। ଏହାର କିଛିଦିନ ପରେ ଯଶପଡାରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପରେ ପୁଣି ଥୋରିଆପଡାରେ ସମସୁଲଙ୍କ ଘର କବାଟ ତାଲା ଭାଙ୍ଗି ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଚୋରମାନେ ଲୁଟି ନେଇଥିଲେ। ସେହିପରି ଗତ ଗୁରୁବାର ରାତିରେ ପୁଣି ଥୋରିଆପଡାର ହୁସନାରା ବେଗମଙ୍କ ଘର ତାଲା ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହା କେବଳ ସ୍ଥାନୀୟ ଠାଉରିଆ ଚୋରଙ୍କ କାମ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଜନସାଧାରଣଙ୍କ ଆସ୍ଥାଭାଜନ ପାଇଁ ପୁଲିସ ପ୍ରଶାସନ ଚୋରଙ୍କୁ ଧରିବାରେ ତତ୍ପର ହେବାକୁ ସାଧାରଣରେ ଦାବି ହେଉଛି।

## ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର

କଣ୍ଟାପଡ଼ା, ୭ ।୩(ସମିସ): ଗୋବିନ୍ଦପୁର ଥାନା ବିଶ୍ୱନାଥ ମଠ ଦେବୀ ନଦୀକୂଳରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଆଜି ସନ୍ଧ୍ୟାରେ ପୁଲିସ୍ ଉଦ୍ଧାର କରିଛି। ସ୍ଥାନୀୟ କିଛି ଲୋକ ନଦୀକୂଳକୁ ଯାଇଥିବା ବେଳେ ଧାନମଣ୍ଡଳସ୍ଥିତ ବାବା ବିଶ୍ୱନାଥଙ୍କ ମଠ ନିକଟ ନଦୀକୂଳରେ ଶବଟି ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ୍ ଘଟଣାସ୍ଥଳକୁ ଯାଇ ଶବଟିକୁ ଉଦ୍ଧାର କରିଛି।

## ଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ ଅଭିଯୋଗ

ନିଶ୍ଚିନ୍ତକୋଇଲି, ୭ ।୩ (ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବରାଦୋ ପଞ୍ଚାୟତ ପାଟପୁର ବାପୁଜୀ ସରକାରୀ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦଙ୍କୁ ସୋସିଆଲ ମିଡିଆରେ ଲିଖିତ ଭାବେ ଗାଳିଗୁଲଜ କରାଯାଇଥିବା ନେଇ ସେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ଫେବୃୟାରୀ ୯ ତାରିଖରେ ଚାକିରିରୁ ନିଲମ୍ବିତ ହୋଇଥିବା ସେହି ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ସଂପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟ୍‌ଫର୍ମରେ ଯୋଜନାବଦ୍ଧ ଭାବେ ଏଭଳି କରୁଥିବା ନେଇ ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଶ୍ରୀ ସାମଲ ବ୍ୟକ୍ତିଗତ ଭାବେ ସମାଲୋଚନା କରିବା ସହିତ ତାଙ୍କର ବାପ ଘର ଓ ଶାଶୂଘର ପରିବାରର ବିଭିନ୍ନ ସଦସ୍ୟଙ୍କ ବିଷୟରେ ଆପତ୍ତିଜନକ ଓ ମାନହାନିଜନକ ମନ୍ତବ୍ୟ ଦେଇ ଚରିତ୍ର ସଂହାର କରିବାକୁ ଚେଷ୍ଟା ମଧ୍ୟ କରିଥିବା ଶ୍ରୀମତୀ ଚାନ୍ଦ ଅଭିଯୋଗ କରିଛନ୍ତି। ଏହା ତାଙ୍କର ଅଧିକାରକୁ ଉଲଘଂନ କରୁନାହିଁ ବରଂ ଶିକ୍ଷାନୁଷ୍ଠାନର ପବିତ୍ରତାକୁ ମଧ୍ୟ ବ୍ୟାହତ କରୁଛି ବୋଲି ସେ ଅଭିଯୋଗରେ ଦର୍ଶାଇ ତାଙ୍କର ସୁରକ୍ଷା ପାଇଁ ଆଇନଗତ ସହାୟତା ଯୋଗାଇ ଦେବା ପାଇଁ ସେ ଦାବି କରିଛନ୍ତି।

### ଆଜି ଅନ୍ତର୍ଜାତୀୟ ମହିଳା ଦିବସ

# ଅସହାୟଙ୍କ ମୁହଁରେ ହସ ଫୁଟାଇଛନ୍ତି ମହିୟସୀ ଜୟନ୍ତୀ



ଚୌଦ୍ୱାର, ୭।୩।(ସମିସ): ଆସନ୍ତାକାଲି ରବିବାର ପାଳନ କରାଯାଉଛି ଅନ୍ତର୍ଜାତୀୟ ମହିଳା ଦିବସ। ଅନେକ ନାରୀ ନିଜର ମହନୀୟତା ପ୍ରତିପାଦିତ କରିପାରିଛନ୍ତି। ସେହିଭଳି ଜଣେ ସଫଳ ନାରୀ ହେଉଛନ୍ତି କଟକ ଜିଲ୍ଲା ଚୌଦ୍ୱାର ଅଞ୍ଚଳର ଜୟନ୍ତୀ ପୃଷ୍ଟି। ଜଣେ ସୁଗୃହିଣୀ ହେବା ସହିତ ସମାଜରେ ଭୋକିଲାମାନଙ୍କ ପେଟରେ ମୁଠାଏ ଦାନା ଦେଇ ସେମାନଙ୍କ ମୁହଁରେ ଚେନାଏ ହସ ଫୁଟାଇ ପାରିଛନ୍ତି। ସେ ପୁଣି କୌଣସି ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନର ସହାୟତା ନ ନେଇ ନିଜସ୍ୱ ଅର୍ଥରୁ ଏ ସମାଜ ପାଇଁ ସାମାଜିକ ଦାୟିତ୍ୱବୋଧତାକୁ ସମ୍ଭାଳିଛନ୍ତି। ୨୦୨୦ ନଭେମ୍ବର ୨୫ ତାରିଖରୁ ଆଜି ପର୍ଯ୍ୟନ୍ତ ସମାଜସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି। ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭୋକିଲା ପେଟକୁ ଖାଦ୍ୟ, ନିରାଶ୍ରୟଙ୍କୁ ଆଶ୍ରୟ ଓ ନିବସ୍ତ୍ରଙ୍କୁ ବସ୍ତ୍ର ଯୋଗାଇବା। ତେବେ ସ୍ୱାମୀ ଦେବେନ୍ଦ୍ର ପୃଷ୍ଟି ମଧ୍ୟ ପତ୍ନୀଙ୍କ ଏଭଳି କାର୍ଯ୍ୟକୁ ସମର୍ଥନ କରିବା ସହ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏବେ ସେ ପ୍ରତିଦିନ ଚୌଦ୍ୱାର ଅଞ୍ଚଳର ୩୫ଜଣ ମାନସିକ ବିକାରଗ୍ରସ୍ତ ଓ ଭିନ୍ନକ୍ଷମ ଭୋକିଲା ଲୋକଙ୍କୁ ବିନା ମୂଲ୍ୟରେ ଖାଇବାକୁ ଦେଉଥିବା ବେଳେ ୩୦୦ କୁକୁର ୨୦୦ ଗାଈ ଏବଂ ୫୦ଟି ବିଲେଇଙ୍କ ପେଟକୁ ଦାନା ଯୋଗାଇ ଆସୁଛନ୍ତି। ସ୍ୱାମୀ-ସ୍ତ୍ରୀ ଉଭୟେ ଅତି ସ୍ନେହଭରା ହୃଦୟରେ ଏହି ଖାଦ୍ୟ ରାନ୍ଧି ବିଭିନ୍ନ ଅଞ୍ଚଳରେ ଖାଇବାକୁ ଦେଇଥାନ୍ତି। ୪୮ ବର୍ଷ ବୟସରେ ଜୟନ୍ତୀ ସମାଜରେ ଅବହେଳିତ ଅବସ୍ଥାରେ ବୁଲୁଥିବା ବୃଦ୍ଧବୃଦ୍ଧାଙ୍କ ନିମନ୍ତେ ଏକ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବା ସହ ସେଠାରେ ୨୨ ଜଣ ଅନ୍ତେବାସୀଙ୍କ ଭଲମନ୍ଦ ବୁଝୁଛନ୍ତି। ଏସବୁ ପଛରେ ତାଙ୍କ ଏକମାତ୍ର କନ୍ୟାଙ୍କ ସ୍ମୃତି ଉଦ୍ଦେଶ୍ୟରେ କରୁଥିବା କହିଛନ୍ତି। ତାଙ୍କ ଝିଅ ସ୍ୱାଗତିକା ଅପରିଣତ ବୟସରେ ଅଫେରା ପଥର ପଥିକ ହୋଇଯାଇଥିବାବେଳେ ଏଠାରେ ମା' ତାଙ୍କ ଝିଅ ଆତ୍ମାର ଶାନ୍ତି ତଥା ସ୍ମୃତି ଉଦ୍ଦେଶ୍ୟରେ ଏସବୁ କରୁଥିବା ପ୍ରକାଶ କରିଛନ୍ତି। ସେହି ସମୟ ପାଇଁ ଝିଅର ବିୟୋଗ ବେଦନାରୁ ଟିକେ ମୁକ୍ତି ପାଇଥାନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏଭଳି କାର୍ଯ୍ୟକୁ ଦେଖି ଅଞ୍ଚଳବାସୀ ତାଙ୍କ ଉପରେ ବହୁତ ଖୁସି ହୋଇ ପ୍ରଶଂସା କରିବା ସହ ଜୟନ୍ତୀ ଅଞ୍ଚଳରେ ସମସ୍ତଙ୍କ ପାଇଁ ମା' ଓ ଭଉଣୀର ପରିଭାଷା ପାଲଟି ଯାଇଛନ୍ତି। ସେ ତାଙ୍କର ଏଭଳି କାର୍ଯ୍ୟଧାରା ପାଇଁ ଜଣେ ମହିୟସୀ ମହିଳାର ପରିଚୟ ପାଇ ପାରିଛନ୍ତି ଓ ପାଲଟି ଯାଇଛନ୍ତି ଅନନ୍ୟ ମହିୟସୀ।

## ଜାତୀୟ ଫାର୍ମାସୀ ଶିକ୍ଷା ଦିବସ




ଚୌଦ୍ୱାର, ୭।୩(ସମିସ): ମଙ୍ଗୁଳିସ୍ଥିତ ସାଇପର ଫାର୍ମାସୀ ଶିକ୍ଷାନୁଷ୍ଠାନରେ ଜାତୀୟ ଫାର୍ମାସୀ ଶିକ୍ଷା ଦିବସ ଏବଂ ଫାର୍ମା ଅନ୍ୱେଷଣ-୨୦୨୬ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ବଳ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଦେଶର ଫାର୍ମାସ୍ୟୁଟିକାଲ ପରିବେଶକୁ ସୁଦୃଢ଼ କରିବା ପାଇଁ ଫାର୍ମାସୀ ଶିକ୍ଷା, ଗବେଷଣା, ଔଷଧ ଶିଳ୍ପ, ନିୟାମକ ସଂସ୍ଥା ଏବଂ ଫାର୍ମାସୀ ପ୍ରାକ୍ଟିସନରଙ୍କ ମଧ୍ୟରେ ସୁସହଯୋଗକୁ ପ୍ରୋତ୍ସାହନ ଦେବାପାଇଁ ନିଷ୍ଠାର ସହ ପ୍ରଚେଷ୍ଟା ଜାରି ରଖିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଡ. ପ୍ରିୟଦର୍ଶୀ ମିଶ୍ର, ଡ. ବିଚିତ୍ରାନନ୍ଦ ତ୍ରିପାଠୀ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଫାର୍ମାସୀ ଶିକ୍ଷାର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦେବାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଳକା ପ୍ରିୟଦର୍ଶିନୀ କର, ସ୍ୱସ୍ତି ମହାପାତ୍ର, ସ୍ନିଗ୍ଧା ମହାନ୍ତି, ଅବିନାଶ ଜେନା, ଆଶିଷ ନାୟକ, ସୁନୀତା ବେହେରା, ତେଜସ୍ୱିନୀ ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି, ୭ ।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ବାପୁଜୀ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସାଗର ସେଠୀଙ୍କ ସଭାପତିତ୍ୱରେ ଏଥିରେ ଡାକ୍ତର ପ୍ରଦୀପ୍ତ କିଶୋର ଦାସ, ନିରଞ୍ଜନ ରଥ, ମୁକ୍ତିପ୍ରସାଦ ମହାପାତ୍ର, ଅମୂଲ୍ୟ କୁମାର ଦାସ, ଅଶୋକ କୁମାର ଖଟୁଆ, ବାବାଜୀ ଚରଣ ସାହୁ, ପ୍ରଧାନଶିକ୍ଷକ ଗୋଲଖ ବିହାରୀ ପରିଡା, କୈଳାସଚନ୍ଦ୍ର ମହାନ୍ତି, ବିନୋଦ ବିହାରୀ ମିଶ୍ର, କାର୍ତିକଚନ୍ଦ୍ର ଦାସ, ସୋହନ କୁମାର ପଣ୍ଡା, ସସ୍ମିତା ଷଡ଼ଙ୍ଗୀ, ନବକିଶୋର ମିଶ୍ର, ଧନେଶ୍ୱର ସାହୁ, ସିଆରସିସି ଟୁନିଆ ସିଂ, ଉଉରକୂଳ ସରପଞ୍ଚ ସୁବାସିନୀ ବେହେରା, ସମିତିସଭ୍ୟ କିଶୋରଚନ୍ଦ୍ର ସାହାଣି, ଦୁର୍ଗାପ୍ରସାଦ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ଶିବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଳିପଡ଼ିଆ ଦୋଳ ମହୋତ୍ସବ ଓ ମେଳଣ



ନିଶ୍ଚିନ୍ତକୋଇଲି, ୭ ।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସୀମାସ୍ଥଳରେ ଥିବା ନାଳିପଡିଆ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଦୋଳ ମହୋତ୍ସବ ପାଳିତ ହୋଇଛି। ବଜାର କମିଟିର ସଭାପତି ସୁକାନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟ ଖଦୀବୋର୍ଡ ନିର୍ଦ୍ଦେଶକ ପ୍ରମୋଦ କୁମାର ଭୂୟାଁ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରମୋଦ ମହାରଣା, ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ଦୀପକ କୁମାର ସାହୁ, ବଜାର କମିଟି ସଂପାଦକ ନବୀନ ବାରିକ, ଉପସଭାପତି ନୃସିଂହ ଚରଣ ମହାରଣା, କୋଷାଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡା, ସଭ୍ୟ ନାରାୟଣ ସାହୁ, ମନୋଜ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଶଟି ବିମାନକୁ ନେଇ ଏକ ମେଳଣର ଆୟୋଜନ କରାଯାଇଥିଲା। ଏଥିରେ ଗଦିଶ୍ୱର ଭାବେ ଜଗନ୍ନାଥବାବା ମଠର ବିମାନ ଅଧିଷ୍ଠିତ ହୋଇଥିଲେ।

## କଣ୍ଠଶିଳ୍ପୀ ସୁଶ୍ରୀ ପତଞ୍ଜଳି ଦାସ ସମ୍ବର୍ଦ୍ଧିତ

କନ୍ଦରପୁର, ୭ ।୩(ସମିସ): ସାଂସ୍କୃତିକ ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ ଓ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ସଭ୍ୟା କଣ୍ଠଶିଳ୍ପୀ ତଥା ମେଧା ବିଦ୍ୟାର୍ଥୀ ସୁଶ୍ରୀ ପତଞ୍ଜଳି ଦାସଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ ବରୀ ଯାଦବ ମହାସଭା ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବରୀ ନିବାସୀ ସମାଜସେବୀ ନିର୍ମଳଚନ୍ଦ୍ର ଦାସ ଓ ଶିକ୍ଷାବିତ୍ ଟୁନିରାଣୀ ସେନାପତିଙ୍କ ସୁକନ୍ୟା କଟକ କେନ୍ଦ୍ରୀୟ ବିଦ୍ୟାଳୟ-୨ଠାରେ ଶିକ୍ଷାକ୍ଷେତ୍ରରେ ସଫଳତା ଅର୍ଜନ ସହ ଅଧୁନା ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ଶିକ୍ଷାଲାଭ କରୁଛନ୍ତି।



## ଦାତବ୍ୟ ହୋମିଓ ଚିକିତ୍ସା ଶିବିର



ଚୌଦ୍ୱାର, ୭।୩(ସମିସ): ବିବେକାନନ୍ଦ ଶିକ୍ଷାନୁଷ୍ଠାନରେ ଏକ ଦାତବ୍ୟ ହୋମିଓ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆରସିସି ବିବେକାନନ୍ଦ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ ହୋମିଓପ୍ୟାଥିକ୍ କଟକ ଚାପ୍ଟରର ଡା. ରଜତ କୁମାର ଷଡ଼ଙ୍ଗୀ ଓ ଡା. ସୁଲିପ୍ତ କୁମାର ମହାନ୍ତି ଯୋଗଦେଇ ୫୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଆରସିସି ବିବେକାନନ୍ଦର ସଭାପତି ମାନସ କୁମାର ସାହୁ ଓ ରାକେଶ ଓଝାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱର ନାୟକ, ଅକ୍ଷୟ ନାୟକ, ପ୍ରଭାଷ ଚୌଧୁରୀ, ଗଣେଶ ହେମ୍ବ୍ରମ, ଦୀପ୍ତିମୟୀ ବେହେରା ସହଯୋଗ କରିଥିଲେ।

## ଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବର ତୃତୀୟ ଦିବସ



ଟାଙ୍ଗୀ, ୭ ।୩(ସମିସ): ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଟାଙ୍ଗୀ ବିଦ୍ୟାପୀଠ ଖେଳ ପଡ଼ିଆରେ ହେଉଥିବା ଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବର ତୃତୀୟ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନରେ ଯଜ୍ଞାଦି କର୍ମମାନ କରାଯାଇ ସନ୍ଧ୍ୟାରେ ଅନ୍ତଃରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ଓ ଦିବ୍ୟ ଜୀବନ ସଂଘ ଓଡିଶା ଶାଖାର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବିବରଣ, ନାରଦଙ୍କ ଭକ୍ତିତତ୍ୱ ନିରୂପଣ, ଇନ୍ଦ୍ରଦ୍ୟୁମ୍ନଙ୍କ ଉତ୍କଳ ଆଗମନ ଆଦି ବିଷୟ ଉପରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଭକ୍ତ ସମାଜର ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ, ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ପରିଚାଳନା କମିଟି ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି, ସଂଯୋଜକ ବିଜୟ ସାହୁ, ସମ୍ପାଦକ ନାରାୟଣ ସ୍ୱାଇଁ, ଶୁଭେନ୍ଦ୍ର ଷଡ଼ଙ୍ଗୀ, ଅଶୋକ ପୃଷ୍ଟି, ବିଭୂତି ଭୂଷଣ ସାହୁ, ବିନୋଦ ବେଉରା, ଅନନ୍ତ ନାୟକ, ସନ୍ତୋଷ କୁମାର ଧର, ଅଜୟ ଦାସ ମହାପାତ୍ର, ବାବାଜୀ ମହାନ୍ତି, ଆକାଶ ପାତ୍ର, କ୍ଷିତେନ୍ଦ୍ର କାନୁନଗୋ, ଅର୍ଜୁନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କୋଟସାହିସ୍ତରୀୟ ମହାସଂଘ ଓ ଗୀତା ଆଲୋଚନାଚକ୍ରର ସମସ୍ତ ସଦସ୍ୟା ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ମହନ୍ତ ବନମାଳି ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭଦ୍ରେଶ୍ୱର, ୭ ।୩(ସମିସ): ମାହାଙ୍ଗା ବ୍ଲକ ପୋଡାମରାଇ ଗ୍ରାମପଞ୍ଚାୟତ ସିନ୍ଧୁପୁର ଗ୍ରାମର ମହନ୍ତ ବନମାଳି ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ୨୪ପ୍ରହର ନାମଯଜ୍ଞ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉଦଘାଟକ ଭାବେ ଓଳାଶୁଣି ମଠ ମହନ୍ତ ଡ. ନାମାନନ୍ଦ ଦାସ, ପ୍ରାକ୍ତନ ଆୟକର କମିସନର ଶୋଭନ କର, ବିଶିଷ୍ଟ ଗୀତିକାର ବିଶେଶ୍ୱର ମହାନ୍ତି, ମହିମା ଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ରୁଦ୍ରନାରାୟଣ ସିଂ, ବିକାଶଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ବନମାଳି ଦାସ ଫାଉଣ୍ଡେସନ ଓ ଗାଳ୍ପିକ ବିଶ୍ୱନାଥ ଖଟୁଆ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ହଳଦିଆ ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି ଜଗନ୍ନାଥ ପ୍ରଧାନ, ପୁରୁଷୋତମ ପ୍ରଧାନ, ବ୍ରଜକିଶୋର ପ୍ରଧାନ, ଅମ୍ବରିତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଅକ୍ଷୟ କୁମାର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୈଷ୍ଣବ ନିବାସର ସଦସ୍ୟା ସରସ୍ୱତୀ ପ୍ରଧାନ ଓ ବୈକୁଣ୍ଠ ଖଟୁଆ ସହଯୋଗ କରିଥିଲେ।

## ଉତ୍କଳ ସଂସ୍କୃତି ସଂସଦର ବାର୍ଷିକ ନାଟ୍ୟ ଉତ୍ସବ




ନିଶ୍ଚିନ୍ତକୋଇଲି, ୭ ।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ହନୁପୁରଠାରେ ଥିବା ଉତ୍କଳ ସଂସ୍କୃତି ସଂସଦର ବାର୍ଷିକ ନାଟ୍ୟ ଉତ୍ସବ ସ୍ଥାନୀୟ ମା' ବନଦୁର୍ଗା ନାଟ୍ୟ ମଣ୍ଡପରେ ଅନୁଷ୍ଠିତ ହୋଇଛି। ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ସ୍ୱର୍ଗତ ଉମାନାଥ ମହନ୍ତଙ୍କ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂସଦ ପକ୍ଷରୁ ଉତ୍କଳ କଳା ଓ ସଂସ୍କୃତି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇଥିବା ବେଳେ ଏଥିରେ ଆଦ୍ୟାଶା ମହାନ୍ତି ପ୍ରଥମ, ନିବେଦିତା ବେହେରା ଦ୍ୱିତୀୟ ଓ ଶୁଭଶ୍ରୀ ମଲିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ନାଟ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମାଗୁଣୀ ଚରଣ ଲେଙ୍କାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଜୀବନବୀମା ନିଗମର ଅବସରପ୍ରାପ୍ତ ଅଧିକାରୀ ଅଶୋକ କୁମାର ରାଉତରାୟ, ମୁଖ୍ୟବକ୍ତା ଭାବେ ଇଂ ରବିନ୍ଦ୍ରନାଥ ଜେନା, ସମ୍ମାନିତ ଅତିଥି ଭାବେ ଉପସଭାପତି ଶୁଭେନ୍ଦୁ ମହନ୍ତ ମହାପାତ୍ର, ମନୋଜ କୁମାର ମହାନ୍ତି, ନରେନ୍ଦ୍ରନାଥ ବାରିକ, ପ୍ରିୟନାଥ ଜେନା, ପଦାରବିନ୍ଦ ଜେନା, ରାଜକିଶୋର ଜେନା, ଶିକ୍ଷାବିତ୍ ଫକୀର ଚରଣ ନାୟକ, କବି ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟ ସଂସଦର ସାଧାରଣ ସଂପାଦକ ଅମୀୟ କୁମାର ଦାଶଙ୍କ ସଂଯୋଜନାରେ ସଭ୍ୟ ମନୋଜ କୁମାର ଜେନା, ବିକାଶ ଚନ୍ଦ୍ର ଜେନା, ରାଜାଉଦ୍ଦିନ୍ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଓ ଚୌଧୁରୀ ଭାରତୀକୃଷ୍ଣ ଦାସଙ୍କ ନିର୍ଦ୍ଦେଶିତ ଗୀତିନାଟ୍ୟ କାର୍ତ୍ତବୀର୍ଯ୍ୟ ସଂହାର ରାଜ୍ୟସ୍ତରୀୟ ସଂସ୍କୃତି ବିହାର କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଯୁଗ୍ମଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ତିଗିରିଆ ବ୍ଲକ୍ ଶିକ୍ଷାୟତନ ପକ୍ଷରୁ ସମୀକ୍ଷା ବୈଠକ

# ପଞ୍ଚମରେ ୮୨୮ ଓ ଅଷ୍ଟମରେ ୮୬୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ



ତିଗିରିଆ ୭ ।୩ (ସମିସ): ତିଗିରିଆ ବ୍ଲକ୍ ଶିକ୍ଷାୟତନ ପକ୍ଷରୁ ଏକ ସମୀକ୍ଷା ବୈଠକ ଦଧିବାମନଜୀଉ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଧିକାରୀ ଅମର ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଶିକ୍ଷାବର୍ଷ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସମାପ୍ତି ସୂଚକ ମୂଲ୍ୟାୟନ ଚାଲିଥିବା ବେଳେ ଆସନ୍ତା ସୋମବାରଠାରୁ ଲିଖିତ ପରୀକ୍ଷା ଆରମ୍ଭ ହେଉଛି। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ୫ମ ଓ ୮ମ ଶ୍ରେଣୀ ପାଇଁ ପାସ୍ ଫେଲର ବ୍ୟବସ୍ଥା ଲାଗୁ ହୋଇଛି। ୨୦୨୫-୨୬ ବର୍ଷରେ ବ୍ଲକରେ ୫ମ ଶ୍ରେଣୀ ପାଇଁ ମୋଟ ୮୨୮ ଜଣ ଛାତ୍ରଛାତ୍ରୀ ଓ ୮ମ ଶ୍ରେଣୀରେ ୮୬୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବିଦ୍ୟାଳୟ ଏବଂ କାର୍ଯ୍ୟାଳୟର ସମସ୍ତ ଆୟବ୍ୟୟ ହିସାବକୁ ଚଳିତ ମାସ ୨୫ ତାରିଖ ସୁଦ୍ଧା ବ୍ଲକ କାର୍ଯ୍ୟାଳୟରେ ପେଠ କରିବାକୁ ଶିକ୍ଷାଧିକାରୀ ଶ୍ରୀ ମହାରଣା ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବ୍ଲକରେ ଦୀର୍ଘଦିନ ଧରି ଖାଲି ପଡିଥିବା ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ପଦ ପାଇଁ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ପ୍ରସ୍ତାବକୁ ଜେମଦେଇପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରାଙ୍କ ସମେତ ସମସ୍ତ ଉଚ୍ଚ ମାଧ୍ୟମିକ ପ୍ରଧାନଶିକ୍ଷକ ମାନଙ୍କ ସମର୍ଥନ କରିଥିଲେ। ଏହିକ୍ରମେ ଦଧିବାମଜୀଉ ବିଦ୍ୟାପୀଠ ରବିନ୍ଦ୍ରାନାଥ ବିଶ୍ୱାଳଙ୍କୁ ତିଗିରିଆ ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦେବା, ଖେଳ ସଂପାଦିକାଙ୍କ ଅବସର ପରେ ସମସ୍ତ ଖେଳ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମର୍ଥନକ୍ରମେ ପ୍ରଣବ ସ୍ୱାଇଁଙ୍କୁ ମନୋନୀତ କରାଯାଇ ଅନୁମୋଦନକ୍ରମେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବାକୁ ଶିକ୍ଷାଧିକାରୀଙ୍କୁ ଅନୁରୋଧ କରଯାଇଛି। ସହ ଶିକ୍ଷାଧିକାରୀ ମାଧବଚନ୍ଦ୍ର ଦେଉରୀ, ସୌଦାମିନୀ ମିଶ୍ର, ସାଧାନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ ଘଡେଇ, ବିଶ୍ୱରଞ୍ଜନ ଜେନା, ଅଶୋକ ଦାସ, ମହେଶ୍ୱର ସେଠୀ, ନିଶାକର ଖଟୁଆ ଏବଂ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାନ୍ଧ ଶିଳ୍ପୀ ଭାବେ ନିଜର କଳା ନୈପୁଣ ପ୍ରଦର୍ଶନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହେବା ପରେ ଦେଶର ସର୍ବୋଚ୍ଚ ପୁରସ୍କାର ପଦ୍ମଶ୍ରୀରେ ସମ୍ମାନିତ ହେବାକୁ ଯୋଗ୍ୟ ବିବେଚିତ ତିଗିରିଆ ନୂଆପାଟଣା ଅଞ୍ଚଳର ବାନ୍ଧକଳା ଶିଳ୍ପୀ ଶରତ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସେଣ୍ଟ ଜାଭିଅର୍ସ ସ୍କୁଲ୍ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ



**କଟକ,୭।୩(ସମିସ):** ଯେଉଁ ସମାଜ ମହିଳାଙ୍କୁ ଯେତେ ସମ୍ମାନ ଦେଇ ଶିଖିଛି ସେହି ସମାଜ ସେତେ ଗୌରାବାନ୍ୱିତ। ଏହି ମହିଳାମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମିଶନ ରୋଡ଼ସ୍ଥିତ ସେଣ୍ଟ ଜାଭିଅର୍ସ ହାଇସ୍କୁଲ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହିଳାମାନଙ୍କ ସଶକ୍ତୀକରଣ, ସାହସ ଏବଂ ସଫଳତାକୁ ବିଦ୍ୟାଳୟ ପରିସରରେ 'ଉଡ଼ାନ-ୱିଙ୍ଗସ୍ ଅଫ୍ ଓମେନ୍‌ହୁଡ' ନାମରେ ଏକ ପ୍ରଦର୍ଶନୀ କରାଯାଇଥିଲା। ସେଣ୍ଟ ଜାଭିଅର୍ସ ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷା ସିଗ୍ଧା ମହାନ୍ତି ଓ ସହକାରୀ ନିର୍ଦ୍ଦେଶିକା ଆୟେଶା ଦାସ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୂପେ ବାରବାଟୀ-କଟକର ବିଧାୟିକା ସୋଫିଆ ଫିରଦୋଷ, ସମ୍ମାନିତ ଅତିଥି ଓଡିଶା ସୂଚନା କମିସନର କଳ୍ପନା ପଟ୍ଟନାୟକ, ଅନ୍ତର୍ଜାତୀୟ ଟାଇକ୍ୱୋଣ୍ଡୋ କୋଚ ଓ ରେଫରୀ ସୁଦିପ୍ତା ନନ୍ଦ, ସେଣ୍ଟ ଜାଭିଅର୍ସ ପଟିଆ ପରିସରର ପ୍ରଧାନ ଅଧ୍ୟାପିକା ପି.ଏସ୍.ପ୍ରିୟଦର୍ଶିନୀ, ମିଶନରୋଡର କର୍ପୋରେଟର ଲିଜା ରାଉତ, ସମାଜସେବୀ ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦ ଓ ଆରତି ଦାସ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ସୃଜନାତ୍ମକ ଶୈଳୀରେ ଆୟୋଜିତ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ଶିକ୍ଷୟିତ୍ରୀମାନେ ପକ୍ଷରୁ ରାମ୍ପୱାକ, ଟ୍ରାଡିସ୍‌ନାଲ ଡ୍ରେସ୍, ମ୍ୟୁଜିକାଲ ଚେୟାର ପରି ପ୍ରତିଯୋଗିତା କରାଯାଇ ପ୍ରତିଭାଶାଳୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୌଡ଼ି ଟଣା, ପଞ୍ଝା ଲଢେଇ, ୱିଇଜ୍ ଖେଳ ସହିତ ଟଙ୍ଗ ଟୁଇଷ୍ଟର ଖେଳଗୁଡିକ ଆୟୋଜନ କରାଯାଇଥିଲା। ବିଭିନ୍ନ ମହିଳା କ୍ଲବ ରୋଟାରୀ ଇନର ୱିଲ କ୍ଲବ ଓ ଶୈଳବାଳା ବାଳିକା ମହାବିଦ୍ୟାଳୟରୁ ବିଭିନ୍ନ ପ୍ରାଧ୍ୟାପକ ଯୋଗ ଦେଇଥିଲେ।

# ସିଏନ୍‌ବିଟିରେ ଖୋଲିବ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର 'ଦ ଭିଲେଜ୍ ଷ୍ଟୋର୍'

**କଟକ,୭ ।୩(ସମିସ):**

ଗ୍ରାମୀଣ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ଗ୍ରାମୀଣ ଉତ୍ପାଦକମାନଙ୍କ ପାଇଁ ବଜାର ସଂଯୋଗକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର: ଦ ଭିଲେଜ୍ ଷ୍ଟୋର' ଆରମ୍ଭ କରାଯିବା ପରିପ୍ରେକ୍ଷୀରେ କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର: ଦ ଭିଲେଜ ଷ୍ଟୋରର ଖୁବ ଶୀଘ୍ର କଟକ ନେତାଜୀ ବସ୍ ଟର୍ମିନାଲ(ସିଏନବିଟି)ଠାରେ ଆରମ୍ଭ ହେବ। ଏହି ବଜାରରେ ହସ୍ତତନ୍ତ ଉତ୍ପାଦ

## ଉପଲବ୍ଧ ହେବ ପଟ୍ଟଚିତ୍ରରୁ ପାଟଶାଢ଼ି

ଭଳି ଖଣ୍ଡୁଆ, ସମ୍ବଲପୁରୀ, ନବକୋଠି, ବୋମକାଇ ସହିତ ଅନ୍ୟାନ୍ୟ ବିଭିନ୍ନ ପ୍ରକାରର ଶାଢି, କପଡା ଆଦି ଉପଲବ୍ଧ ରହିବା ସେହିପରି ବାଉଁଶ ଓ ବେତ ଶିଳ୍ପ, ଡୋକରା, ଟେରାକୋଟା ପଦାର୍ଥ, ଶଙ୍ଖ, ଶିଙ୍ଗ ଓ କାଠ ଶିଳ୍ପ, ପଟ୍ଟଚିତ୍ର ଚିତ୍ରକଳା ଓ ବିଭିନ୍ନ ପ୍ରକାରର ଝୋଟ ତିଆରି ସାମଗ୍ରୀ ମଧ୍ୟ ଏଠାରେ ଉପଲବ୍ଧ ହେବ। ଖାଦ୍ୟ ଓ କୃଷି ଉତ୍ପାଦ ମଧ୍ୟରେ ଗୁଡ଼, ମହୁ, ବିଭିନ୍ନ ପ୍ରକାରର ମସଲା ଓ ମିଲେଟ୍ ଆଧାରିତ ଖାଦ୍ୟ ପଦାର୍ଥ ମଧ୍ୟ ଉପଭୋକ୍ତାମାନଙ୍କ ପାଇଁ ରହିବ। ଏହି ପଦକ୍ଷେପ ପାଇଁ କଟକ ଜିଲ୍ଲାର ୪୦ଟି କମ୍ୟୁନିଟି ବେସଡ ଅର୍ଗାନାଇଜେସନ୍ ମାଧ୍ୟମରେ ପଣ୍ୟ ସଂଗ୍ରହ ଓ ଯୋଗାଣ କରାଯାଉଛି। ଏହି ଷ୍ଟୋରଟି କଟକ ଗ୍ରାମୀଣ ପ୍ରୋଡ୍ୟୁସର ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ। ଏହା ଗ୍ରାମୀଣ ଉତ୍ପାଦ ପାଇଁ ଏକ ନିର୍ଭରଯୋଗ୍ୟ ବଜାର ସୃଷ୍ଟି କରିବା ସହିତ ଗ୍ରାମୀଣ ପଦାର୍ଥ ପାଇଁ ଉଚିତ ମୂଲ୍ୟ ସୁନିଶ୍ଚିତ ହେବ ବୋଲି ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ନରସିଂହପୁର, କୋକଲାବାର ରାଧାରମଣର ପ୍ରମିଳା ରାଉତଙ୍କୁ ଲାଇଫଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା।

# ପ୍ରସିଦ୍ଧ ଦିପୋଟି ମେଳଣ: ୬୪ ଦୋଳ ବିମାନ ସାମିଲ



**ନିଆଳି, ୭ ।୩(ସମିସ):** ନିଆଳି ବ୍ଲକ୍ ଦେବୀକନ୍ଦଳ ଦ୍ୱୀପାଞ୍ଚଳ କସର୍ଦ୍ଦା ଦିପୋଟି ମେଳଣ ପଡ଼ିଆରେ ଐତିହାସିକ ଦିପୋଟି ମେଳଣ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର ରାତି ୧୦ଟାରୁ ଆରମ୍ଭ ହୋଇଥିବା ଏହି ମେଳଣ ଶନିବାର ସଂଧ୍ୟାରେ ଶେଷ ହୋଇଥିଲା। ପ୍ରଥମେ କସର୍ଦ୍ଦାର ଲକ୍ଷ୍ମୀନାରାୟଣ ଥାନପତି ଆସନ ଅଳଙ୍କୃତ କରିଥିଲେ। ସମସ୍ତ ଦୋଳ ବିମାନ ଦିପୋଟି ପଡିଆରେ ପହଞ୍ଚିଥିଲେ। ଶେଷରେ ତରବଣର ଶ୍ରୀ ଶ୍ରୀ ଗୋପାଳଜୀଉ ଆସନ ଗ୍ରହଣ କରିଥିଲେ। ଆଜି ମେଳଣ ପଡିଆରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିଆଳି ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଅପରାହ୍ନରେ ଥାନପତି ଲକ୍ଷ୍ମୀନାରାୟଣ ନିଜ ଆସନରୁ ଉଠି ଠିଆ ହେବା ପରେ ତରବଣର ଶ୍ରୀ ଶ୍ରୀ ଗୋପାଳଜୀଉ ନିଜ ବେଦି ଛାଡି ହରିହର ଭୋଟ ହେବା ପରେ ମନ୍ଦିରକୁ ଫେରିଯାଇଥିଲେ। ପରେ ଅନ୍ୟ ଦୋଳ ବିମାନଗୁଡିକ କ୍ରମାନ୍ୱୟରେ ହରିହର ଭେଟ ହୋଇ ଫେରିଯାଇଥିଲେ। ଦୋଳ କମିଟି ସଭାପତି ଶଶିଶେଖର ଚୌଧୁରୀ ସହଯୋଗରେ ଦୋଳ ବିମାନଗୁଡିକରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ନିଆଳି ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ରବି ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲାପରିଷଦ ସଭ୍ୟ ସୌଦାମିନି ମହାପାତ୍ର, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଂଜନ ମହାନ୍ତି, ବିଜେପି ନେତା ଶଶୀକାନ୍ତ ଲେଙ୍କା, କୃଷିବିତ୍ ପ୍ରମୋଦ ମଲ୍ଲିକ ପ୍ରମୁଖ ଠାକୁରଙ୍କୁ ଦର୍ଶନ କରିଥିଲେ। ସଦର ଏସ୍‌ଡିପିଓ ବିଜୟମଲ୍ଲିକ, ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିବା ସହିତ ୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ।

# ୧୦ ଲକ୍ଷର ବ୍ରାଉନସୁଗର ଜବତ; ମହିଳା ଗିରଫ

**କଟକ, ୭ ।୩(ସମିସ):** ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଜଣେ ମହିଳା ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସତୀଚୌରା ଇମାମପଡ଼ା ବସ୍ତିର ସାନୁୱାରୀ ବିବି(୪୦)। ତା ପାଖରୁ ୧୦୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ସୂଚନା ଥାଉକି, ଇମାମପଡ଼ା ବସ୍ତି ଏବେ ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଗତ କିଛି ଦିନ ଭିତରେ ଏହି ବସ୍ତିର ଏକାଧିକ ନିଶା ବେପାରୀ ଅବକାରୀ ବିଭାଗ ହାତରେ ଧରାପଡିଲେଣି। ସେମାନେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି କଟକ ଓ ଏହାର ଆଖପାଖ ଅଞ୍ଚଳରେ କାରବାର କରୁଛନ୍ତି। ତେଣୁ ଅବକାରୀ ବିଭାଗ ଇମାମପଡା ବସ୍ତିର କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିଥିଲା। ଏହିକ୍ରମରେ ଶନିବାର ସୂଚନା ମିଳିଲାକି, ସତୀଚୌରା ନିକଟ ପେଟ୍ରୋଲ ପମ୍ପ ପାଖରେ ଜଣେ ମହିଳା କିଛି ନିଶାଦ୍ରବ୍ୟ ଧରି ଛିଡା ହୋଇଛନ୍ତି। ଏହାପରେ ଫ୍ଲାଇଂ ସ୍କ୍ୱାଡ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସାନୁୱାରୀ ବିବିଙ୍କୁ ମାଡି ବସିଥିଲା। ତଲାସୀ ପରେ ତାଙ୍କ ପାଖରୁ ୧୦୨ ଗ୍ରାମର ବ୍ରାଉନସୁଗର ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପୁଲିସ ଗାଡ଼ି ଭଙ୍ଗାରୁଜା ଘଟଣା: ୧୧ କୋର୍ଟ ଚାଲାଣ

**ନିଶ୍ଚିନ୍ତକୋଇଲି,୭ ।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ଗ୍ରାମରେ ଦୋଳ ମେଳଣରେ ଡିଜେ ବାଜିବାକୁ କେନ୍ଦ୍ରକରି ପୁଲିସ ଗାଡ଼ିକୁ ଭଙ୍ଗାରୁଜା ଘଟଣାରେ ନେମାଳ ଥାନା ପୁଲିସ ପକ୍ଷରୁ ୧୧ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବନ୍ଧୁପୁର ଦୋଳ ମେଳଣ ଉତ୍ସବକୁ ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ଅଣାଯାଉଥିଲା। ଏହି ସମୟରେ ଶୋଭାଯାତ୍ରାରେ ଡିଜେ ବାଜୁଥିଲା। ତେବେ ସରକାରୀ ଆଦେଶ ନଥିବା କାରଣରୁ ନେମାଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡିଜେ ବଜାଇବାକୁ ବାରଣ କରିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଉତ୍ତ୍ୟକ୍ତ ଜନତା ଓ ପୁଲିସ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ଉତ୍ତ୍ୟକ୍ତ ଜନତା ନେମାଳ ଥାନା ପୁଲିସର ଏକ ଗାଡିକୁ ଭାଙ୍ଗିରୁଜି ଦେଇଥିଲେ।

# କର୍ମବୀର ଗୌରୀଶଙ୍କରଙ୍କ ସ୍ମୃତି ଉତ୍ସବ

**କଟକ,୭ ।୩(ସମିସ):** କର୍ମବୀର ଗୌରୀଶଙ୍କର ରାୟଙ୍କ ୧୦୯ତମ ସ୍ମୃତି ଉତ୍ସବ କାଠଗଡ଼ା ସାହି କାୟସ୍ଥ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ସାରସ୍ୱତ ସେବା ମଞ୍ଚ ସଭାପତି ଡକ୍ଟର ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ସହିତ ଭାଷାଭିତ୍ତିକ ପ୍ରଦେଶ ଗଠନର କର୍ଣ୍ଣଧାର ଗୌରୀଶଙ୍କର ତ୍ୟାଗପୂତ ଜୀବନାଦର୍ଶ ଭିତରେ ଓଡ଼ିଆ ଅସ୍ମିତାକୁ ଖୋଜିବାର ପ୍ରୟାସ କରାଯିବାକୁ ଡକ୍ଟର ମହାନ୍ତି ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟ ସମାଲୋଚକ ତଥା ଲବ୍ଧପ୍ରତିଷ୍ଠିତ ଲେଖକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଗୌରୀଶଙ୍କରଙ୍କୁ ଓଡ଼ିଆ ଜାତିର ପ୍ରାଣ ସ୍ପନ୍ଦନ ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ କର୍ମବୀରଙ୍କ କୀର୍ତ୍ତି ଓ କୃତିର ମୂଲ୍ୟାୟନ କରିଥିଲେ। ଉତ୍ସବରେ ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅଖିଳେଶପଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଇନ୍ଦ୍ରଜିତ ଘୋଷ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ତରୁଲତା ଦେବୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର ଭଦ୍ର, ସାମ୍ବାଦିକ ଉମାଶଙ୍କର ସାହୁ, ଶିଳ୍ପୀ ରବି ରଥ, ସାହିତ୍ୟିକ ତପନ ସ୍ୱାଇଁ, ନମିତା ମହାନ୍ତି, ବିକାଶ ପଟ୍ଟନାୟକ, ଅରୁଣ କୁମାର ଅଗ୍ରୱାଲ, ବିକାଶ ଘୋଷ, ଇଞ୍ଜିନିଅର ଜଗନ୍ନାଥ ବୋଷ ଏବଂ ଗାୟତ୍ରୀ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି କର୍ମବୀର ଗୌରୀଶଙ୍କରଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଅଧ୍ୟାପକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଏସ୍‌ସିବି ମେଡିକାଲ କଲେଜ ପୂର୍ବତନ ଗ୍ରନ୍ଥାଗାରିକଙ୍କ ପରଲୋକ



**କଟକ,୭ ।୩(ସମିସ):** ସିଡିଏ ବରିଷ୍ଠ ନାଗରିକ ମହାସଂଘର ସକ୍ରିୟ ସଦସ୍ୟ ତଥା ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟପାଠାଗାରର ପୂର୍ବତନ ଲାଇବ୍ରେରୀଆନ ହରେକୃଷ୍ଣ ବାରିକ (୭୯)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କାଞ୍ଚନବାଳା ବାରିକ, ଏକମାତ୍ର ପୁତ୍ର ସୁବ୍ରତ କୁମାର ବାରିକ, କନ୍ୟା ଓ ଜାମାତା ଉପସ୍ଥିତ ଥିଲେ। ସିଡିଏ ସେକ୍ଟର-୯ସ୍ଥିତ ବାସଭବନରେ ଅବସ୍ଥାନ କରୁଥିବା ସ୍ୱର୍ଗତ ବାରିକ ଜଣେ ସରଳ, ମିଷ୍ଟଭାଷୀ ଓ ଆଧ୍ୟାତ୍ମିକପ୍ରେମୀ ଥିଲେ। ସିଡିଏ ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକର୍ତ୍ତା ଧରଣୀ ପଟ୍ଟନାୟକ, ନିତ୍ୟାନନ୍ଦ ମିଶ୍ର, ନକୁଳଚନ୍ଦ୍ର ମହାରଣା, ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, କଟକ ନଗର କଂଗ୍ରେସର ସଭାନେତ୍ରୀ ଗିରିବାଳା ବେହେରା, ନିତ୍ୟାନନ୍ଦ ରାଉତରାୟ, ବିଜୟ କୁମାର ପାତ୍ର, ଦେବେନ୍ଦ୍ର ପ୍ରଧାନ ଓ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ବାରିକଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ କରାଯାଇଥିବା ବେଳେ ପୁତ୍ର ସୁବ୍ରତ ମୁଖାଗ୍ନି ଦେଇଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଦାବିପତ୍ର

**କଟକ,୭ ।୩(ସମିସ):** ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଡ଼କରାରେ କଟକ ଜିଲ୍ଲା ସଂଘ ପକ୍ଷରୁ କଟକ ଜିଲ୍ଲାପାଳଙ୍କୁ ଆଜି ୩ ଦଫା ଦାବିପତ୍ର ଦିଆଯାଇଛି। ମାର୍ଚ୍ଚ ୧୦ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର ପିଏମଜିରେ ମହାସଂଘ ପକ୍ଷରୁ ଧାରଣା ଦିଆଯିବ। ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଓ ଛଟେଇ ପ୍ରକ୍ରିୟା ବନ୍ଦ, ସ୍ଥାୟୀ କର୍ମଚାରୀର ନିଯୁକ୍ତି ପରି ଏକକ ପଦ୍ଧତିରେ ଦରମା ଓ ସମସ୍ତ ସମାନ ସୁବିଧା ସୁଯୋଗ ପ୍ରଦାନ ପାଇଁ ଦାବି କରାଯାଇଛି। ଏହା ନିର୍ଣ୍ଣାୟକ ଆନ୍ଦୋଳନ ହେବ ବୋଲି ଜିଲ୍ଲା ସଭାପତି ସାରଦା ପ୍ରସାଦ ଦାସ କହିଛନ୍ତି। ଏହି ସମାରୋହରେ ସାରଦା ପ୍ରସାଦ ଦାସ, ଅରୁଣ ସାମନ୍ତରାୟ, ପ୍ରଦୀପ୍ତ ନାୟକ, ପ୍ରଶାନ୍ତ ମିଶ୍ର, ସୁଧାଂଶୁ ମହନ୍ତ, ରଞ୍ଜନା ବେହେରା, ରାମେଶ୍ୱର ଦାସ, ଅନନ୍ତ ପରିଡା, କେଦାର ପ୍ରଧାନ, ଗଗନ ବାରିକ, ସାଇ ଗାୟତ୍ରୀ, ଶୁଭକାନ୍ତ ଦାସ, ଜନ୍ମଜୟ ନାୟକ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



# ଦକ୍ଷିଣକାଳୀ କ୍ରିକେଟ କପ୍: ବାଲିପୁଟ ଚାମ୍ପିଅନ



**ନରସିଂହପୁର,୭ ।୩(ସମିସ):** ନରସିଂହପୁର ବ୍ଲକ ଚକ୍ରପ୍ରସାଦ ମା' ଦକ୍ଷିଣକାଳୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୬ଟି ଦଳକୁ ନେଇ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ ଫାଇନାଲ ଖେଳରେ ବାଲିପୁଟ କ୍ରିକେଟ ଟିମ ବିପକ୍ଷ କାନପୁର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଲିସାହି ଦଳ ୧୬ ଓଭର ମଧ୍ୟରେ ୧୨୧ ରନ୍ ସଂଗ୍ରହ କରିଥିଲା। କାନପୁର ଦଳ ୧୧ ଓଭରରେ ନିଜର ସମସ୍ତ ୱିକେଟ ହରାଇ ୫୬ ରନ୍ ସଂଗ୍ରହ କରିପାରିଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋରଚନ୍ଦ୍ର ମିଶ୍ର, ନରସିଂହପୁର ବ୍ଲକବିଜୁ ଜନତା ଦଳର ସଭାପତି ନିର୍ମଳ କୁମାର ଜେନା ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସଭ୍ୟ ସ୍ୱପନେଶ୍ୱର, ସମୀର, ଆଲୋକ, ଗଗୁଲ, ତପୁ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲାରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥର

**କଟକ,୭ ।୩(ସମିସ):**

ଉଭୟ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଆର୍ଥିକ ଅନୁଦାନରେ ଗତ ୨୦୨୪-୨୫ ଆର୍ଥିକ ବର୍ଷଠାରୁ ଜିଲ୍ଲାରେ ରହିଥିବା ରହିଥିବା ସମସ୍ତ ୧୪ଟି ବ୍ଲକର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲକ୍ଷ୍ୟ ନେଇ ଚାଲିଥିବା ଜଳଯୋଗାଣ କାର୍ଯ୍ୟକ୍ରମ ଏବେ ମନ୍ଥର ଗତିରେ ଚାଲିଛି। ମୁଖ୍ୟତଃ ଅନୁଦାନର ଅଭାବ ସହ ଠିକାଦାରଙ୍କ ବକେୟା ପ୍ରାପ୍ୟ ନମିଳିବା ଏହାର ମୁଖ୍ୟ କାରଣ ହୋଇଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ନୋଟିସକୁ ମଧ୍ୟ ଠିକା ସଂସ୍ଥାମାନେ ମାନୁନାହାନ୍ତି। ଯାହାଫଳରେ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ବ୍ଲକର ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲ୍ଲାର ଗ୍ରାମୀଣ ଜଳଯୋଗାଣ ଓ ପରିମଳ ସଂସ୍ଥାର ଅଧୀକ୍ଷଣ ଯନ୍ତ୍ରୀ ଗୌରପ୍ୟରଞ୍ଜନ ବେହେରାଙ୍କ ଦୃଷ୍ଟିଆକର୍ଷଣ କରାଯିବା ପରେ ଏବେ ଚାଲୁରହିଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବ ବୋଲି କହିଛନ୍ତି। ଗତ ଜିଲ୍ଲା ପରିଷଦ ବୈଠକରେ ପାନୀୟଜଳ ଯୋଗାଣ ନେଇ କେତେକ ସଦସ୍ୟ ହୋ ହାଲ୍ଲା କରିଥିଲେ। ଜିଲ୍ଲାରେ ଚାଲିଥିବା ମାହାଙ୍ଗା, ନିଶ୍ଚିନ୍ତକୋଇଲି, ଡମପଡା, ଚୌଦ୍ୱାର ଓ ବାରଙ୍ଗ ଅଞ୍ଚଳର ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ସରି ନାହିଁ। ଯଦିଓ ପ୍ରକଳ୍ପ ମାଧ୍ୟମରେ ୭୫ ପ୍ରତିଶତ ଜଳ ଯୋଗାଣ କାର୍ଯ୍ୟକ୍ଷମ ହେଲାଣି ଆହୁରି ୨୫ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଜିଲ୍ଲାର ବିଭିନ୍ନ ବ୍ଲକରେ ରହିଥିବା ୧୯ ହଜାର ୬୩୬ଟି ନଳକୂପ ଜରିଆରେ ୧ହଜାର ୭୦ଟି ଗ୍ରାମର ଜନସାଧାରଣଙ୍କୁ ଜଳଯୋଗାଣ କରାଯାଉଛି। ଏହି ସମସ୍ତ ବ୍ଲକରେ ବସବାସ କରୁଥିବା ୩ଲକ୍ଷ ୧୮ହଜାର ୬୦୩ଟି ପରିବାରକୁ ଜଳଯୋଗାଣ କରାଯିବା ଲକ୍ଷ୍ୟଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨ଲକ୍ଷ ୧୫ହଜାର ୭୨୧ଟି ପରିବାର ଉପକୃତ ହୋଇଛନ୍ତି।

# ଆଦର୍ଶ ଶିକ୍ଷକଙ୍କ ପରଲୋକ



**କିଶନନଗର,୭ ।୩(ସମିସ):** କଟକ ସଦର ଅନ୍ତର୍ଗତ ଧରିଣା ପଞ୍ଚାୟତ ପାରାବିଲ ଗ୍ରାମ କମିଟିର ସଭାପତି, ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ନିଖିଳ ଉତ୍କଳ ପାଟରା ସମିତି ପାଟବୈଶ୍ୟ ମହାସଭାର ପଞ୍ଚ ଅଧିକାରୀ ଧରଣୀଧର ବେହେରା (୯୦)ଙ୍କ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି। ଏକମାତ୍ର ପୁତ୍ର ଇଂ ସ୍ମୃତିରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ।

